भाकृअनुप - केंद्रीय चावल अनुसंधान संस्थान

ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

(An ISO 9001: 2015 Certified Institute)


# କୃଷି ସୂଚନା ସେବା (ଧାନ)

**୨୦୨୫ ମସିହା ନଭେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

❖ ଶତକଡା ୮୦ ରୁ ୮୫ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ରହିବା ଆବଶ୍ୟକ ।

❖ ଓଡ଼ିଶାର ଦକ୍ଷିଣ-ପଶ୍ଚିମ ମୌସୁମୀର ପ୍ରଭାବ ସରିଯାଇଛି । ଯେହେତୁ ଧାନରେ ଦାନା ଧରିବା ଆରମ୍ଭ ହେଲାଣି ତେଣୁ ଥରେ ଜଳସେଚନ କରନ୍ତୁ । ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସମ୍ଭବସ୍ଥଳେ ୨୦୦ ଲିଟର ପାଣିରେ ୧ କି.ଗ୍ରା. $KNO_3$ କିମ୍ବା ୧ ଲିଟର ପାଣିରେ ୫ ଗ୍ରାମ୍ ଦ୍ରବିଭୂତ ରାସାୟନିକ ସାର ୧୩:୦:୪୫ କିମ୍ବା ୧୯:୧୯:୧୯ ଭାଗରେ ପ୍ରୟୋଗ କରନ୍ତୁ ।

❖ ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟେକ କିସମ ଅଲଗା ଭାବରେ ସଫାକରି ଧାନ ଶସ୍ୟକୁ ସୁପରଗ୍ରେନ ବ୍ୟାରେ ରଖନ୍ତୁ । ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛି କ୍ଷତି ନହୁଏ ।

❖ ଧାନ ସାଇତି ରଖିଥିବା ପାତ୍ରବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍ ଭଲ ଭାବେ ତାରପୋଲିନ୍ ଘୋଡାଇ ଧୂଆଁକରନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍‌ରେ ଭଲରେ ବନ୍ଦ କରନ୍ତୁ, ଯେପରିକି ଧୂଆଁ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ପାତ୍ରର ମୁହଁ ଭଲଭାବରେ ବନ୍ଦ କରନ୍ତୁ । ଲୋକଚଳପ୍ରଚଳ କରୁଥିବା ଜାଗାରେଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

ଏହି ସମୟରେ ଧାନରେ ବାଦାମୀଗୁଣ୍ଡିପୋକ, ଧଳା ପତ୍ରଡିଆଁ, ସବୁଜ ପତ୍ରଡିଆଁପୋକ ଏବଂ ଗନ୍ଧିପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାର୍ଦୁଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

❖ ମାଟିଆଗୁଣ୍ଡିପୋକ (ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ୬୦ ଗ୍ରାମ୍ ଫ୍ଲୋନିସାମିଡ୍ ୫୦% ଡବ୍ଲ୍ୟୁ.ଜି. ପ୍ରୟୋଗ କରନ୍ତୁ । ଚକଡା ପୋକ ଦମନ ପାଇଁ ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

❖ ଯଦି ଗନ୍ଧିପୋକ ଦେଖାଯାଏ, ଏକର ପ୍ରତି ୧୨୦ ମି.ଲି. ଇମିଡାକ୍ଲୋପ୍ରିଡ୍ ୦୬% ସହିତ ଲାମ୍ବଡା ସାଇହାଲୋଥ୍ରିନ୍ ୦୪% ଏସ୍.ଏଲ୍. ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ ।

❖ ଯଦି ଧାନ ବିଲରେ ଲେଡାପୋକ ଦେଖାଯାଏ ତେବେ ଏହାର ନିୟନ୍ତ୍ରଣ ପାଇଁ ହେକ୍ଟର ପିଛା ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଡି.ପି. ପ୍ରୟୋଗ କରନ୍ତୁ ।

- ଯଦି ସବୁଜ ପତ୍ରଡିଆଁ ପୋକ ଦେଖାଯାଏ, ତେବେ ଏକର ପିଛା ଆଜାଡିରାକ୍ଟିନ୍ ୫% ଡବ୍ଲ୍ୟୁ /ଡବ୍ଲ୍ୟୁ ୮୦ ମି.ଲି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ ୫୦ ମି.ଲି. କିମ୍ବା ଥାୟାମେଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍. ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ ।

- ଯଦି କେଣ୍ଡାକଟା ସଂବାଳୁଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ଧାନ ବୁଦା ମୂଳରେ ସକାଳ ସମୟରେ ସିଂଚନ କରନ୍ତୁ ।

ରାତିରେ ନିମ୍ନ ତାପମାତ୍ରା ଏବଂ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କେତେକ ରୋଗ ମଧ ଦେଖାଯିବାର ସମ୍ଭାବନା ଥାଏ, ସେଗୁଡିକ ହେଲା ସାଆରା ରୋଗ, ଗଣ୍ଠି /କେଣ୍ଡାରେ ମହିଷାରୋଗ । ସେଥିପାଇଁ ନିମ୍ନଲିଖିତ ଔଷଧ ପ୍ରୟୋଗ କରନ୍ତୁ ।

- ଗଣ୍ଠି /କେଣ୍ଡାରେ ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୪୦୦ ଗ୍ରାମ ହିସାବରେ ସିଂଚନ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ ନତୁବା ଏକ ଲିଟର ପାଣିରେ ସତେଜ ବେଲପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ଓ ଭଲଭାବେ ଛାଣି ସିଂଚନ କରନ୍ତୁ । ନତୁବା ଜୈବିକ ଉପଚାର ଭାବେ ଏକର ପ୍ରତି ଟ୍ରାଇକୋଡର୍ମା ଭିରିଡି (ଅନ୍ୟୁନ ୧୦$^{୬}$ ସି.ଏଫ୍.ୟୁ) ୨ କି.ଗ୍ରା. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ସାହାରା ରୋଗ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୭୭% (କୋକ୍ସାଇଡ ୧୦୧) କିମ୍ବା ୪୦୦ ଗ୍ରାମ୍ ଟେବୁକୋନାଜୋଲ ୨୫% (ଫୋଲିକର) । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ । ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ ।
- କମ୍ ଆର୍ଦ୍ରତା ବା ଶୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରି ନାହିଁ, ଉଚ୍ଚ ଓ ମଧ୍ୟମ ଜମିରେ ମାଟିର ବତର ଦେଖି ଚାଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।

**ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରାଜ୍ୟରେ ବାତ୍ୟା ହେବାର ସମ୍ଭାବନା ଅଛି, ଯାହାର ନାମ 'ମୋନ୍ଥା' । ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଞ୍ଜାମ, କନ୍ଧମାଳ ଓ କଳାହାଣ୍ଡି ଇତ୍ୟାଦି ଜିଲ୍ଲାରେ ବାତ୍ୟାର ପ୍ରଭାବ ଦେଖାଯାଇପାରେ । ସମ୍ଭାବ୍ୟ ବାତ୍ୟା ଓ ମାତ୍ରାଧିକ ବର୍ଷା ପରିପ୍ରେକ୍ଷୀରେ ଧାନ ଫସଲର ସୁରକ୍ଷିତ ପରିଚାଳନା ପାଇଁ ପ୍ରଦତ୍ତ ପରାମର୍ଶ ଗ୍ରହଣ କରନ୍ତୁ ।**

- କଟା ଯାଇଥିବା ସମସ୍ତ ଧାନକୁ ଏକ ସୁରକ୍ଷିତ ସ୍ଥାନରେ ପଲିଥିନ ଘୋଡାଇ ସଂରକ୍ଷଣ କରନ୍ତୁ ।
- ମଧ୍ୟମ ଓ ବିଳମ୍ବ କିସମ ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳି କରନ୍ତୁ ଓ ନାଳି ମୁହଁ ଖୋଲା ରଖନ୍ତୁ ।
- ବର୍ତ୍ତମାନର ଅବସ୍ଥା ଯେପରିକି ମେଘୁଆ ଆକାଶ, ଉଚ୍ଚ ଆର୍ଦ୍ରତା, ଦିନର ଉଚ୍ଚ ତାପମାତ୍ରା ସହିତ ମଧ୍ୟବର୍ତୀ ବର୍ଷା କିନ୍ତୁ ରାତିର କମ୍ ତାପମାତ୍ରା ଦ୍ୱାରା ପତ୍ରପୋଡା ରୋଗ, ପତ୍ରରେଖା ରୋଗ, ପତ୍ରାଚ୍ଛଦ ପୋଡା ରୋଗ ଇତ୍ୟାଦି ଅନେକ ରୋଗ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ । ନିଜ କ୍ଷେତ୍ରରେ ସଜାଗ ରୁହନ୍ତୁ । ଜୀବାଣୁ ଜନିତ ରୋଗ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ପ୍ଲାଂଟୋମାଇସିନ୍ ସହିତ ୨୦ ଗ୍ରାମ୍ କପର ଅକ୍ସାକ୍ଲୋରାଇଡ୍ ପ୍ରୟୋଗ କରନ୍ତୁ । ଯଦି ଧାନ କ୍ଷେତ୍ରରେ ପତ୍ରାଚ୍ଛଦା ପୋଡା ରୋଗ ଦେଖାଯାଏ, ତେବେ ୧୦ ଲିଟର ପାଣିରେ ଟେବୁକୋନଜୋଲ ୫୦% ସହିତ ୪ ଗ୍ରାମ୍ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. କିମ୍ବା ୧୫ ମି.ଲି. ୧୦ ଲିଟର ପାଣିରେ ଇସୋପ୍ରୋଥିଓଲାନ୍ ୪୦ ଇ.ସି ସ୍ପ୍ରେ କରନ୍ତୁ । ୭-୧୦ ଦିନ ବ୍ୟବଧାନରେ ସ୍ପ୍ରେକୁ ପୁନରାବୃତି କରନ୍ତୁ ।

- ବର୍ଷା ପବନ ବନ୍ଦ ହେବା ପରେ ଅମଳ ହୋଇଥିବା ଗଚ୍ଛିତ ଖାଦ୍ୟଶସ୍ୟକୁ ଭଣ୍ଡାରରୁ ବାହାର କରି ସୁରକ୍ଷିତ ସଂରକ୍ଷଣ ଆର୍ଦ୍ରତା (୧୪ ପ୍ରତିଶତ ଆର୍ଦ୍ରତା) ପର୍ଯ୍ୟନ୍ତ ଶୁଖାଇ ସୁପର ଗନି ବ୍ୟାଗରେ ଭର୍ତ୍ତି କରି ପୁଣିଥରେ ଭଣ୍ଡାରରେ ଗଚ୍ଛିତ କରନ୍ତୁ ।

- ଧାନ ସାଇତି ରଖିଥିବା ଶସ୍ୟ ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍ ଭଲ ଭାବେ ତାରପୋଲିନ୍ ଘୋଡାଇ ଧୂଆଁକରନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍‌ରେ ଭଲରେ ବନ୍ଦ କରନ୍ତୁ, ଯେପରିକି ଧୂଆଁ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ପାତ୍ରର ମୁହଁ ଭଲଭାବରେ ବନ୍ଦ କରନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

  ବାଦାମୀଗୁଣ୍ଡିପୋକ, ଧଳା ପତ୍ରଡିଆଁ, ସବୁଜ ପତ୍ରଡିଆଁପୋକ ଏବଂ ଗନ୍ଧିପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ ।

- ଏହି ସମୟରେ ଧାନରେ ମାଟିଆଗୁଣ୍ଡିପୋକ (ଚକଡାପୋକ) ଏବଂ ଲେଡାପୋକ ଦେଖାଦେଲେ ତେବେ ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୦.୬ ଗ୍ରାମ୍ / ଲିଟର କିମ୍ବା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୦.୫ ମି.ଲି./ ଲିଟର କିମ୍ବା ଫ୍ଲୋନିସାମିଡ୍ ୫୦% ଡବ୍ଲ୍ୟୁ.ଜି. ୩ ଗ୍ରାମ୍ / ଲିଟର ପ୍ରୟୋଗ କରନ୍ତୁ । ଲେଡା ପୋକ ପାଇଁ କ୍ଲୋରୋପାଇରିଫସ୍ ୧.୫ % ୩୦ ଗ୍ରାମ୍ ପ୍ରତି ହେକ୍ଟର ।

- ସବୁବେଳେ ଧାନ ବିଲକୁ ନିରୀକ୍ଷଣ କରନ୍ତୁ । ଯେତେବେଳେ ରୋଗ ପୋକ ଦେଖାଯିବ ତୁରନ୍ତ ଆବଶ୍ୟକ କାଳୀନ ରୋଗ ପୋକ ପରିଚାଳନା କରନ୍ତୁ ।

*****